# NATIONAL NEWS BULLETIN (ODIA)

## 09th September - 2024

## Morning Bulletin : 7.15 a.m.

********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବେ ସଂଯୁକ୍ତ ଆରବ ଏମିରେଟ୍‌ସର ଯୁବରାଜ ।

- କୋଲ୍‌କାତା ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲାର ଆଜି ସୁପ୍ରିମ୍‌କୋର୍ଟରେ ଶୁଣାଣି ।

- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ଦ୍ରବ୍ୟ ଓ ସେବାକର ପରିଷଦର ୫୪ତମ ବୈଠକ ।

- ଉତ୍ତର ପ୍ରଦେଶର ଆଗ୍ରାଠାରେ ଆଜିଠାରୁ ଦୁଇଦିନିଆ ଜାତୀୟ ସମୀକ୍ଷା ସମ୍ମିଳନୀ ‘ଚିନ୍ତନ ଶିବିର’ ଆରମ୍ଭ ।

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସ-୨୦୨୪ ପ୍ରତିଯୋଗିତା ଉଦ୍‌ଯାପିତ ।

— ପୂର୍ବ ଅଲିମ୍ପିକ୍ସ ତୁଳନାରେ ଚଳିତ ଥର ଭାରତୀୟ କ୍ରୀଡ଼ାବିତ୍‌ଙ୍କ ସଫଳ ପ୍ରଦର୍ଶନ ।

## କ୍ରାଉନ୍ ପ୍ରିନ୍ସ - ଭିଜିଟ୍

ଆବୁଧାବିର ଯୁବରାଜ ସେଖ୍ ଖଲିଦ୍ ବିନ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନାହେୟାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଜି ସାକ୍ଷାତ୍ କରିବେ । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ ତଥା ବ୍ୟାପକ କରିବା ନେଇ ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି ।

ତିନିଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ନାହେୟାଁ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଆବୁଧାବିର ଯୁବରାଜ ଭାବେ ନାହେୟାଁଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ତାଙ୍କ ସହ ସଂଯୁକ୍ତ ଆରବ ଏମିରେଟ୍‌ସ୍ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ଏବଂ ଶିଳ୍ପପତି ଗୋଷ୍ଠୀ ଆସିଛନ୍ତି । ଶ୍ରୀ ନାହେୟାଁ ଏକ ବାଣିଜ୍ୟ ସମ୍ମିଳନୀରେ ଯୋଗଦେବାପାଇଁ ଆସନ୍ତାକାଲି ମୁମ୍ବାଇ ଗସ୍ତ କରିବେ । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ ମଧ୍ୟରେ ବ୍ୟାପକ ରଣନୀତିକ ଭାଗିଦାରିତା ରହିଛି । ବାଣିଜ୍ୟ, ପୁଞ୍ଜିନିବେଶ, ଯୋଗାଯୋଗ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ରହିଛି । ଯୁବରାଜଙ୍କର ଏହି ଗସ୍ତ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା

ସହ ନୂତନ କ୍ଷେତ୍ରରେ ଭାଗିଦାରିତା ପାଇଁ ମାର୍ଗ ଉନ୍ମୁକ୍ତ କରିବ ବୋଲି ଆଶା କରାଯାଉଛି । ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବାଣିଜ୍ୟ କାରବାର ୮୫ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା । ଚୀନ୍ ଏବଂ ଆମେରିକା ପରେ ସେହିବର୍ଷ ସଂଯୁକ୍ତ ଆରବ ଏମିରେଟ୍ସ ଭାରତର ତୃତୀୟ ସର୍ବାଧିକ ବାଣିଜ୍ୟ ସହଯୋଗୀ ରାଷ୍ଟ୍ର ଭାବେ ଉଭା ହୋଇଥିଲା ।

## ପି.ଏମ୍. - ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୪ତମ ସଂସ୍କରଣ ହେବ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ ୧୮୦୦-୧୧-୭୮୦୦ ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ ୧୯୨୨ କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## କୋଲ୍‌କୋତା - ପ୍ରୋଟେଷ୍ଟ

ଆର୍.ଜି. କର ମେଡିକାଲ୍ କଲେଜ୍ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲା ନେଇ ଆଗତ ଆବେଦନର ଆଜି ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ । କୋଲ୍‌କାତାର କେତେକ ସ୍ଥାନରେ ସମାଜର ବିଭିନ୍ନ ବର୍ଗର ଲୋକ ଶୋଭାଯାତ୍ରାରେ ବାହାରିଥିଲେ । ଡକ୍ତରଙ୍କ ଏକ ଦଳ କଳା ବେଲୁନ୍ ଉଡ଼ାଇଥିଲେ । ଏହି ଶୋଭାଯାତ୍ରା ଏନ୍.ଆର୍.ଏସ୍. ମେଡିକାଲ କଲେଜଠାରୁ ବାହାରି ଧରମତାଲା ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବରିଷ୍ଠ ଏବଂ କନିଷ୍ଠ ଡାକ୍ତରଙ୍କ ସମେତ ଡାକ୍ତରୀ ଛାତ୍ରଛାତ୍ରୀ ତଥା ପୀଡ଼ିତାଙ୍କ ପିତାମାତା ସାମିଲ୍ ହୋଇଥିଲେ । ଅନ୍ୟ ଏକ ଶୋଭାଯାତ୍ରାରେ ଦକ୍ଷିଣ କୋଲ୍‌କାତାର ୫୦ରୁ ଅଧିକ ସ୍କୁଲ୍‌ର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରା

ଗରିଆହାଟରୁ ରାସବିହାରୀ ଛକ ପର୍ଯ୍ୟନ୍ତ ଯାଇଥିଲା । ଇଷ୍ଟବେଙ୍ଗଲ ଏବଂ ମୋହନ ବାଗାନ୍ ଫୁଟ୍‌ବଲ ଦଳର ସମର୍ଥକଙ୍କ ପକ୍ଷରୁ ଆୟୋଜିତ ଅନ୍ୟ ଏକ ଶୋଭାଯାତ୍ରାରେ ବହୁ ଲେଖକ ଏବଂ କଳାକାର ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରା ଉତ୍ତର କୋଲ୍‌କାତାସ୍ଥିତ ସ୍ୱାମୀ ବିବେକାନନ୍ଦ ହୋମ୍‌ରୁ ବାହାରି ଶ୍ୟାମ ବଜାର ପର୍ଯ୍ୟନ୍ତ ଯାଇଥିଲା ।

## ଡିଫେନ୍ସ - କୋର୍ ପ୍ରୋଗ୍ରାମ୍

ତିନି ସେନାର ଅଧିକାରୀଙ୍କ ପାଇଁ ପ୍ରଥମ ମିଳିତ ପରିଚାଳନା ସମୀକ୍ଷା ଏବଂ ମୂଲ୍ୟାୟନ କାର୍ଯ୍ୟକ୍ରମ ଆଜିଠାରୁ ଦିଲ୍ଲୀରେ ଆରମ୍ଭ ହେଉଛି । ସମନ୍ୱିତ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟାଳୟ ପକ୍ଷରୁ ଆୟୋଜିତ ହେଉଥିବା ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ତିନି ସେନାର ମେଜର ଜେନେରାଲ୍ ତଥା ସମସ୍ତରୀୟ ଅଧିକାରୀ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ଭବିଷ୍ୟତର ଆହ୍ୱାନ, ରଣନୈତିକ ଯୋଜନା, ସ୍ଥିତିର ଆକଳନ ଏବଂ ପ୍ରସ୍ତୁତି ନେଇ ଆଲୋଚନା ହେବ । ଏଥିରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କଦ୍ୱାରା ପ୍ୟାନେଲ୍ ଆଲୋଚନା, ବକ୍ତୃତା ଆଦି ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଜି.ଏସ୍.ଟି. କାଉନ୍‌ସିଲ୍ ମିଟିଂ

ଦ୍ରବ୍ୟ ଓ ସେବାକର ପରିଷଦର ୫୪ତମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଓ ସେବାକର ନେଇ ଆଲୋଚନା କରାଯିବ । ଜୁନ୍ ମାସରେ ଅନୁଷ୍ଠିତ ବୈଠକରେ ପରିଷଦ କେତୋଟି କ୍ଷେତ୍ରରେ ଜି.ଏସ୍.ଟି. ପରିମାଣ ସମାନ ରଖିଥିଲା । ଷ୍ଟିଲ୍, ଲୌହ ଏବଂ ଆଲୁମିନିୟମ୍ ନିର୍ମିତ ଦୁଗ୍ଧ ପାତ୍ର କ୍ଷେତ୍ରରେ ୧୨ ପ୍ରତିଶତ ଜି.ଏସ୍.ଟି. ଲାଗୁ କରିବାକୁ ସୁପାରିସ ହୋଇଥିଲା । ତେବେ ଭାରତୀୟ ରେଳବାଇଦ୍ୱାରା ପ୍ରଦତ୍ତ କେତେକ ସେବାକୁ ଜି.ଏସ୍.ଟି. ପରିସରଭୁକ୍ତ କରାଯାଇ ନଥିଲା । ସେଥିମଧ୍ୟରେ ପ୍ଲାଟ୍‌ଫର୍ମ ଟିକେଟ୍, ପ୍ରତୀକ୍ଷାଳୟ ସେବାକୁ ବାଦ୍ ଦିଆଯାଇଥିଲା ।

## ଚିନ୍ତନ ଶିବିର - ଆଗ୍ରା

ଉତ୍ତର ପ୍ରଦେଶର ଆଗ୍ରାଠାରେ ଆଜିଠାରୁ ଦୁଇଦିନିଆ ଜାତୀୟ ସମୀକ୍ଷା ସମ୍ମିଳନୀ 'ଚିନ୍ତନ ଶିବିର' ଆରମ୍ଭ ହେଉଛି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଶିବିରରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ପ୍ରମୁଖ

ଅଂଶୀଦାର ଯୋଗଦେବେ । ଅବହେଳିତ ସମ୍ପ୍ରଦାୟ ବିକାଶ ଉଦ୍ଦେଶ୍ୟରେ ଏହି ଶିବିରରେ ବିଭିନ୍ନ ଯୋଜନା ଏବଂ ନୀତିର କାର୍ଯ୍ୟକାରିତା ନେଇ ଆଲୋଚନା କରାଯିବ । ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମା ଏବଂ ରାମଦାସ ଅଠାୱାଲେଙ୍କ ସହ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ ‘ସୌରଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାରୀ ପଦକ୍ଷେପ’ ଶୀର୍ଷକ ଆଲୋଚନାର ପ୍ରସାରଣ କରାଯିବ । ନୂତନ ଓ ନବୀକରଣ ଉର୍ଜା ମନ୍ତ୍ରଣାଳୟର ଉପଦେଷ୍ଟା ଡକ୍ଟର ଅରୁଣ କୁମାର ତ୍ରିପାଠୀ ଏବଂ ଜାତୀୟ ସୌରଶକ୍ତି ସଂସ୍ଥାନର ମହାନିର୍ଦ୍ଦେଶକ ପ୍ରଫେସର ମହମ୍ମଦ ରିହାନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ

ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ଏଫ୍.ପି.ଆଇ.

ଚଳିତ ମାସ ପ୍ରଥମ ସପ୍ତାହରେ ଭାରତୀୟ ପୁଞ୍ଜି ବଜାରରେ ନିବେଶ ପ୍ରାୟ ୧୧ ହଜାର କୋଟି ଟଙ୍କା ହୋଇଛି । ମିଳିଥିବା ତଥ୍ୟ ଅନୁଯାୟୀ ବିଦେଶୀ ପୁଞ୍ଜିନିବେଶ ଇକ୍ୱିଟି ବଜାରରେ ୧୦ ହଜାର ୯୭୮ କୋଟି ଟଙ୍କା ଏବଂ ଋଣ ବଜାରରେ ୩୬୭ କୋଟି ଟଙ୍କା ନିବେଶ ହୋଇଛି । ଏହାକୁ ମିଶାଇ ଚଳିତ ବର୍ଷ ଏପର୍ଯ୍ୟନ୍ତ ଇକ୍ୱିଟି ବଜାରରେ ପୁଞ୍ଜିନିବେଶ ୫୩ ହଜାର ୮୫୯ କୋଟି ଟଙ୍କା ଏବଂ ଋଣ ବଜାରରେ ୧ ଲକ୍ଷ ୯ ହଜାର ୨୭୪ କୋଟି ଟଙ୍କା ନିବେଶ ହୋଇଛି ।

# ପାରା ଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସ-୨୦୨୪ ଗତ ରାତିରେ ଉଦ୍‌ଯାପିତ ହୋଇଛି । ଫ୍ରାନ୍‌ସର ଜାତୀୟ ଷ୍ଟାଡିୟମ୍ ଷ୍ଟେଡ୍ ଡି ଫ୍ରାନ୍‌ସଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଗତ ୧୧ ଦିନ ଧରି ଚାଲିଥିବା ଏହି ସପ୍ତଦଶ ସଂସ୍କରଣରେ ସାରା ବିଶ୍ୱର ପାରା ଆଥ୍‌ଲେଟ୍ ସେମାନଙ୍କର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ୧୬୮ଟି ଦେଶର ପ୍ରାୟ ୪୦୦ ପରା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ । ସେମାନେ ୨୨ଟି କ୍ରୀଡ଼ାବର୍ଗରେ ୫୪୯ଟି ବିଭାଗରେ ଅଂଶଗ୍ରହଣ କରିଥିଲେ । ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ଓ ଅନ୍ତର୍ଜାତୀୟ ପାରା ଅଲିମ୍ପିକ୍ସର ମୁଖ୍ୟ ଆଣ୍ଡ୍ରିୟୁ ପାର୍ସନସ୍ ଯୋଗ ଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ସ୍ୱର୍ଣ୍ଣପଦକ ବିଜେତା ତୀରଚାଳକ ହର୍‌ବିନ୍ଦର ସିଂହ ଏବଂ ଧାବିକା ପ୍ରୀତି ପାଲ୍ ଭାରତୀୟ ଜାତୀୟ ପତାକା ବହନ କରିଥିଲେ । ଚଳିତ କ୍ରୀଡ଼ା ମହାକୁମ୍ଭ ସମାପ୍ତ ହେବା ସହ ୨୦୨୮ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଅଲିମ୍ପିକ୍ସ ଆୟୋଜନ ନେଇ ଲସ୍ ଏଞ୍ଜେଲସ୍‌କୁ ଅଲିମ୍ପିକ୍ସ ମଶାଲ ଏବଂ ପାରା ଅଲିମ୍ପିକ୍ସ ଧ୍ୱଜା ହସ୍ତାନ୍ତର କରାଯାଇଥିଲା ।

ପାରା ଅଲିମ୍ପିକ୍ସ-୨୦୨୪ ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀ ପୂର୍ବାପେକ୍ଷା ଅଧିକ ପଦକ ହାସଲ କରିଛନ୍ତି । ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ

୧୩ଟି ବ୍ରୋଞ୍ଜ୍ ପଦକ ସହ ମୋଟ୍ ୨୯ଟି ପଦକ ହାସଲ କରି ଭାରତ ତାଲିକାର ଅଷ୍ଟାଦଶ ସ୍ଥାନରେ ରହିଛି । ୨୧୭ଟି ପଦକ ସହ ଚୀନ୍ ତାଲିକାର ଶୀର୍ଷ ସ୍ଥାନରେ ରହିଥିବାବେଳେ ୧୨୦ଟି ପଦକ ସହ ଗ୍ରେଟ୍ ବ୍ରିଟେନ୍ ଦ୍ୱିତୀୟ ଓ ୧୦୩ଟି ପଦକ ସହ ଆମେରିକା ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ।

## ଆଇ.ଏମ୍.ଡି. - ଡିପ୍ରେସନ

ପଶ୍ଚିମ-କେନ୍ଦ୍ରୀୟ ଏବଂ ତତ୍ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଓଡ଼ିଶାର ପୁରୀ ଉପକୂଳଠାରୁ ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ ଏହା ୧୫୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି । ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଆର୍.କେ. ଜେନାମଣି କହିଛନ୍ତି, ଲଘୁଚାପ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଗଭୀର ଅବପାତରେ ପରିଣତ ହେବ । ଏହା ଆଜି ପୁରୀ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ପରେ ଏହା ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଗତି କରିବ । ଏହାରେ ପ୍ରଭାବରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରେ

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

*****